OPEN ACCESS

*Int. Jr. of Contemp. Res. in Multi.* **PEER-REVIEWED JOURNAL** *Volume 5 Issue 2 [Mar- Apr] Year 2026*




*Research Article*

# ଐତିହାସିକ ନାଟକ ବନାମ୍ ଚରିତ ନାଟକ : ଏକ ଅଧ୍ୟୟନ

**ଲୋଚନ ଖଣ୍ଡେଇ**

ଅଧ୍ୟାପିକା, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ, ଏକାମ୍ର ମହାବିଦ୍ୟାଳୟ, ଭୁବନେଶ୍ୱର

**Corresponding Author:** *ଲୋଚନ ଖଣ୍ଡେଇ

**DOI:** https://doi.org/10.5281/zenodo.21021163

## ସାରାଂଶ

ଏହି ଆଲୋଚନାରେ ଓଡ଼ିଆ ନାଟ୍ୟ ସାହିତ୍ୟର ଦୁଇଟି ପ୍ରମୁଖ ଧାରା— 'ଐତିହାସିକ ନାଟକ' ଏବଂ 'ଚରିତ ନାଟକ' ମଧ୍ୟରେ ଥିବା ପାରସ୍ପରିକ ସମ୍ପର୍କ, ସାମଞ୍ଜସ୍ୟ ଓ ମୌଳିକ ପାର୍ଥକ୍ୟକୁ ଅତି ସୂକ୍ଷ୍ମ ଭାବେ ବିଶ୍ଳେଷଣ କରାଯାଇଛି। ସାଧାରଣତଃ ଇତିହାସର ନୀରସ, କଠୋର ଓ କେବଳ ତଥ୍ୟପ୍ରଧାନ ପ୍ରକୃତିର ଅଭାବକୁ ଦୂର କରି ମାନବୀୟ ସମ୍ବେଦନଶୀଳତା ପ୍ରଦାନ କରିବା ପାଇଁ ଐତିହାସିକ ସାହିତ୍ୟର ସୃଷ୍ଟି ହୋଇଥିବା ବେଳେ, ଚରିତ ନାଟକ ନିଜସ୍ୱ ବୈଶିଷ୍ଟ୍ୟ ଯୋଗୁଁ ଏକ ସ୍ୱତନ୍ତ୍ର ନାଟ୍ୟଧର୍ମୀ ରୂପ ଭାବରେ ବିକଶିତ ହୋଇଛି। ଏହି ପ୍ରବନ୍ଧରେ ଦର୍ଶାଯାଇଛି ଯେ ଐତିହାସିକ ନାଟକ ମୁଖ୍ୟତଃ ଘଟଣାପ୍ରଧାନ, ଯେଉଁଠି ବହୁବ୍ୟକ୍ତି ଏବଂ ବହୁବିଧ ଐତିହାସିକ ଘଟଣାବଳୀର ସମାହାର ଘଟିଥାଏ; ମାତ୍ର ଅପରପକ୍ଷରେ, ଚରିତ ନାଟକ ହେଉଛି ବ୍ୟକ୍ତିକେନ୍ଦ୍ରିକ, ଯାହା କୌଣସି ଏକ ନିର୍ଦ୍ଦିଷ୍ଟ ମହାନ ବ୍ୟକ୍ତିତ୍ୱଙ୍କ ଜୀବନର ବହୁବିଧ କାର୍ଯ୍ୟାବଳୀ, ତାଙ୍କର ଅନ୍ତର୍ନିହିତ ଆବେଗ, ସୁଖ-ଦୁଃଖର ଅନୁଭୂତି ଏବଂ ମାନସିକ ଅନ୍ତର୍ଶ୍ଚେତନାକୁ ଆଧାର କରି ଗତିଶୀଳ ହୋଇଥାଏ। ପାଶ୍ଚାତ୍ୟ ନାଟ୍ୟତତ୍ତ୍ୱବିଦ୍ ଆରିଷ୍ଟୋଟଲଙ୍କ ପ୍ରସିଦ୍ଧ ପୁସ୍ତକ 'Poetics' ରେ ଉଲ୍ଲିଖିତ 'କାର୍ଯ୍ୟ-ଐକ୍ୟ' (Unity of Action) ଏବଂ 'ବ୍ୟକ୍ତି-ଐକ୍ୟ' (Unity of Hero) ଧାରଣାର ଆଲୋକରେ ଚରିତ ନାଟକକୁ 'many actions of one man' ଅର୍ଥାତ୍ ଏକ ନିର୍ଦ୍ଦିଷ୍ଟ ବ୍ୟକ୍ତିର ବହୁବିଧ କାର୍ଯ୍ୟର କଳାତ୍ମକ ରୂପାୟନ ଭାବେ ବର୍ଣ୍ଣନା କରାଯାଇଛି। ଓଡ଼ିଆ ନାଟ୍ୟ ସାହିତ୍ୟର ଆଦିପର୍ଯ୍ୟାୟର ପ୍ରମୁଖ ସ୍ରଷ୍ଟା ରାମଶଙ୍କର ରାୟ, ଗୋଦାବରୀଶ ମିଶ୍ର, ଅଶ୍ୱିନୀକୁମାର ଘୋଷଙ୍କ ଠାରୁ ଆରମ୍ଭ କରି ପରବର୍ତ୍ତୀ ସମୟର ସୁରେନ୍ଦ୍ର ମହାନ୍ତି ଓ ଦାଶ ବେହେନୁରଙ୍କ ଭଳି ପ୍ରତିଭାବାନ ଲେଖକମାନଙ୍କ କୃତିକୁ ଉଦାହରଣ ସ୍ୱରୂପ ଗ୍ରହଣ କରି ଏହି ଆଲୋଚନାରେ ପ୍ରମାଣ କରାଯାଇଛି ଯେ, ଚରିତ ନାଟକ କେବେହେଲେ ଐତିହାସିକ ନାଟକର ଏକ କ୍ଷୁଦ୍ର ଉପଶ୍ରେଣୀ କିମ୍ବା ଶାଖା ନୁହେଁ, ବରଂ ଏହା ଏକ ସ୍ୱାୟତ୍ତ, ସମ୍ପୂର୍ଣ୍ଣ ଚରିତ୍ରପ୍ରଧାନ ଏବଂ ନିଛକ ମାନବୀୟ ଅନୁଭୂତିରେ ସମୃଦ୍ଧ ଏକ ସ୍ୱତନ୍ତ୍ର ନାଟ୍ୟ ପ୍ରକାର। ପରିଶେଷରେ, ଏହି ସୃଜନଶୀଳ ନାଟ୍ୟଧାରା ସମାଜରେ ଜାତୀୟ ଗୌରବବୋଧ ଓ ସାଂସ୍କୃତିକ ଚେତନା ସୃଷ୍ଟି କରିବା ସହିତ ପାଠକ ଏବଂ ଦର୍ଶକମାନଙ୍କର ଉଚ୍ଚକୋଟୀର ସାହିତ୍ୟିକ ରସତୃଷ୍ଣା ପୂରଣ କରିବାରେ ସର୍ବଦା ସମର୍ଥ ବୋଲି ପ୍ରତିପାଦିତ ହୋଇଛି।

**Manuscript Information**

- **ISSN No:** 2583-7397
- **Received:** 15-03-2026
- **Accepted:** 25-04-2026
- **Published:** 30-04-2026
- **IJCRM:**5(2); 2026: 1081-1083
- **©2026, All Rights Reserved**
- **Plagiarism Checked:** Yes
- **Peer Review Process:** Yes

**How to Cite this Article**

ଲୋଚନ ଖଣ୍ଡେଇ. ଐତିହାସିକ ନାଟକ ବନାମ୍ ଚରିତ ନାଟକ: ଏକ ଅଧ୍ୟୟନ. Int J Contemp Res Multidiscip. 2026;5(2):1081-1083.

**Access this Article Online**

www.multiarticlesjournal.com

**ପ୍ରମୁଖ ଶବ୍ଦାବଳୀ :** ନାଟକ, ଚରିତନାଟକ, ନାଟ୍ୟ-ଐକ୍ୟ, ଇତିହାସ, ଐତିହାସିକ ନାଟକ।


© 2026 ଲୋଚନ ଖଣ୍ଡେଇ. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

## ପ୍ରସ୍ତାବନା

ମଣିଷର ରସଗ୍ରାହୀ ହୃଦୟକୁ ଆକୃଷ୍ଟ କରିବା ପାଇଁ ଇତିହାସରେ ଥିବା ଅଭାବପଣର ପୂର୍ତ୍ତି ପାଇଁ ଐତିହାସିକ ସାହିତ୍ୟର ଅଭ୍ୟୁଦୟ। ଇତିହାସ ଗବେଷଣା, ଅନୁସନ୍ଧାନ, ତଥ୍ୟ ତଥା ପରିସଂଖ୍ୟନର ଫଳ ଓ ଏହାର ପ୍ରକୃତି ଅନୁସାରେ ମନୁଷ୍ୟ ଅନ୍ତରର ଅନ୍ତର୍ନିହିତ ସତ୍ତାକୁ ସ୍ପର୍ଶ କରିପାରେ ନାହିଁ। ଏଥିରେ ମାନବୀୟ ସ୍ପର୍ଶାନୁଭୂତିର ଅଭାବ ପରିଲକ୍ଷିତ ହୋଇଥାଏ। ତେଣୁ ଏହା ଅଧିକାଂଶ ପାଠକର ଚିତ୍ତକୁ ଆକୃଷ୍ଟ କରିପାରେ ନାହିଁ। ଐତିହାସିକର କାର୍ଯ୍ୟ ନୀରସ ଘଟଣା ଓ ବ୍ୟକ୍ତିର କାର୍ଯ୍ୟକଳାପ ସଂପର୍କୀୟ। ତହିଁରେ ସାଧାରଣ ମଣିଷର ସୁଖଦୁଃଖର ଆବେଗ ଅନୁଭୂତି ଚିତ୍ରିତ ହୋଇ ନଥାଏ। ଜୀବନର ପ୍ରକୃତ ଓ ଅନ୍ତରଙ୍ଗ ରୂପର ପ୍ରକାଶ ନିମନ୍ତେ ସୁଖଦୁଃଖ, ଆବେଗ ଅନୁଭୂତିର ଚିତ୍ରଣ ଏକାନ୍ତ ଅପରିହାର୍ଯ୍ୟ। ଐତିହାସିକ ସାହିତ୍ୟ ଇତିହାସର ବର୍ଣ୍ଣିତ ବ୍ୟକ୍ତି ତଥା ଘଟଣାଗୁଡ଼ିକର ଅନ୍ତର୍ନିହିତ ଭାବକୁ ସ୍ପର୍ଶ କରିବାରେ ସମର୍ଥ ହୋଇଥାଏ। କାରଣ ଇତିହାସରେ ବର୍ଣ୍ଣିତ କୌଣସି ଯୁଦ୍ଧ ଓ ସନ୍ଧି ଜାତିର ଜୀବନ ସ୍ରୋତରେ ଏକ ସାମୟିକ ଘଟଣାମାତ୍ର। ଏଥିରେ କୌଣସି ଜାତିର ଅନ୍ତର୍ନିହିତ ସତ୍ତାର ପରିଚୟ ମିଳେ ନାହିଁ।

ଓଡ଼ିଆ ନାଟକର ଆଦିପର୍ଯ୍ୟାୟରୁ ଇତିହାସ ଓ ନାଟକର ସମନ୍ୱୟ ଦେଖିବାକୁ ପାଇଥାଉ। ରାମଶଙ୍କର ରାୟ, ଭିକାରୀ ଚରଣ ପଟ୍ଟନାୟକ, କାମପାଳ ମିଶ୍ର, ଅଶ୍ୱିନୀକୁମାର ଘୋଷ ପରି ନାଟ୍ୟକାରମାନେ ଐତିହାସିକ ନାଟକ ରଚନା କରି ନାଟକ ଯେ ଇତିହାସର ଉପାଦାନକୁ ଆତ୍ମସ୍ଥ କରି ବିଶୁଦ୍ଧ ରସ ତିଆରିବାର କ୍ଷମତା ରଖେ ପ୍ରମାଣ କରିପାରିଥିଲେ। ଜାତୀୟ ଗୌରବର ମର୍ଯ୍ୟାଦା ବୃଦ୍ଧି ହେଉ କିମ୍ବା ଉତ୍କଳୀୟ ଅସ୍ମିତାବୋଧର କଥା ହେଉ ଐତିହାସିକ ନାଟକଗୁଡ଼ିକ ଏହି ଭାବଧାରାରେ ସାହିତ୍ୟକୁ ସମୃଦ୍ଧ କରିବା ସହ ସମାଜକୁ ମଧ୍ୟ ସୁଦୃଢ କରିପାରିଥିଲା। ଐତିହାସିକ ନାଟକଗୁଡ଼ିକୁ ଗଭୀର ଭାବରେ ଅନୁଧ୍ୟାନ କଲେ ଦେଖିବାକୁ ମିଳେ ଯେ କେତୋଟି ଐତିହାସିକ ଚରିତ୍ରଙ୍କ ଜୀବନ ଚରିତକୁ ନେଇ ନାଟକ ରଚନା ହୋଇଛି। ଯେମିତିକି ଗୋଦାବରୀଶ ମିଶ୍ରଙ୍କ ପୁରୁଷୋତ୍ତମ ଦେବ, ମୁକୁନ୍ଦ ଦେବ, ରାମଶଙ୍କର ରାୟଙ୍କ ଚୈତନ୍ୟଲୀଳା, ଅଶ୍ୱିନୀକୁମାର ଘୋଷଙ୍କ କପିଳେନ୍ଦ୍ର ଦେବ, ରାମଚନ୍ଦ୍ର ମିଶ୍ରଙ୍କ କବିସୂର୍ଯ୍ୟ ଇତ୍ୟାଦି। ଏହି ନାଟକ ଗୁଡ଼ିକର କଥାବସ୍ତୁ, ଚରିତ୍ର, ପରିବେଶ ଇତିହାସ ସହ ଜଡ଼ିତ। ତେଣୁ ଏଗୁଡ଼ିକ ଯେ ଐତିହାସିକ ନାଟକ ନୁହେଁ ଏ କଥା ବୋଲା ଯାଇ ପାରିବ ନାହିଁ। କିନ୍ତୁ ଏହା ଯେ ଐତିହାସିକ ନାଟକ ପର୍ଯ୍ୟାୟର ଏକ ସ୍ୱତନ୍ତ୍ର ନାଟକ ଏକଥାକୁ ମଧ୍ୟ ଅସ୍ୱୀକାର କରାଯାଇ ନପାରେ। ଇତିହାସକୁ ମୂଳପିଣ୍ଡ କରି ଦଣ୍ଡାୟମାନ ଏହି ସ୍ୱତନ୍ତ୍ର ଧରଣର ନାଟକକୁ ଚରିତ ନାଟକ ନାମରେ ବିବେଚିତ କରାଯାଇ ପାରେ। ନିର୍ଦ୍ୱନ୍ଦ୍ୱରେ କୁହାଯାଇ ପାରେ ଯେ ଚରିତ ନାଟକ ହେଉଛି ଏକ ସ୍ୱତନ୍ତ୍ର ଧରଣର ନାଟକ କୌଶଳ। କିନ୍ତୁ ନୀଳାଦ୍ରୀଭୂଷଣ ହରିଚନ୍ଦନଙ୍କ ପରି ନାଟ୍ୟକାର ତଥା ସମାଲୋଚକ ଚରିତ ନାଟକ ଓ ଐତିହାସିକ ନାଟକକୁ ଏକ ଓ ଅଭିନ୍ନ ମନେ କରି କୁହନ୍ତି – "ଅତୀତରେ ଚରିତ ନାଟକ ଗୁଡ଼ିକ ଐତିହାସିକ ନାଟକର ପର୍ଯ୍ୟାୟଭୁକ୍ତ ହୋଇପାରୁ ନ ଥିଲା। ଇତିହାସ ନାଟକୋଚିତ ନାଟ୍ୟିକ ଆଲୋଡନ ଅଭାବରୁ ଏଗୁଡ଼ିକ ଏକ ସ୍ୱତନ୍ତ୍ର ଶ୍ରେଣୀର ନାଟକଭାବେ ବିବେଚିତ ହେଉଥିଲା। ଏଥିରେ ଇତିହାସ ତଥ୍ୟ ଅପେକ୍ଷା କିମ୍ବଦନ୍ତୀର ପ୍ରାବଲ୍ୟ ବହୁତ ବେଶି। ମୁଖ୍ୟ ଚରିତ୍ରର କୌଣସି ଏକ ବିଶେଷ ଜୀବନ ଚିତ୍ର ପ୍ରଦର୍ଶନ କରା ନ ଯାଇ ମହିମାଗାନ ଉପରେ ବିଶେଷ ଗୁରୁତ୍ୱ ଦିଆ ଯାଉଥିଲା। କିଛି ଚରିତ ନାଟକକୁ ସ୍ୱତନ୍ତ୍ର ଏକ ବିଭାଗରେ ସ୍ଥାନ ଦେବାର କୌଣସି କାରଣ ନାହିଁ। ସାଧାରଣତଃ ଯେଉଁ ନାଟକଗୁଡ଼ିକ କୌଣସି ଏକ ବିଶିଷ୍ଟ ଐତିହାସିକ ଘଟଣାକୁ ଉପଜୀବ୍ୟ କରି ଲିଖିତ ହୋଇଥାଏ, ସେଗୁଡ଼ିକ ଦ୍ୱନ୍ଦ୍ୱ, ଉତ୍କଣ୍ଠା ଓ ନାଟକୀୟ ଗତିବେଗ ଯୋଗୁଁ ଐତିହାସିକ ନାଟକର ସମ୍ମାନ ଲାଭ କରିଥାଏ। କିନ୍ତୁ ଚରିତ ନାଟକରେ ଦ୍ୱନ୍ଦ୍ୱ, ଉତ୍କଣ୍ଠା ଏବଂ ଘଟଣାର ଆକସ୍ମିକ ସଂସ୍ଥାପନ ଇତ୍ୟାଦିର ସୁଯୋଗ ବିଶେଷ ନଥିବାରୁ ତାହା ଉପରୋକ୍ତ ନାଟକ ପରି ଦର୍ଶକମାନଙ୍କର ରସ ତୃଷ୍ଣା ପରିତୃପ୍ତ କରିବାକୁ ବିଶେଷ ସମର୍ଥ ହୁଏ ନାହିଁ। ତଥାପି ଏହାର କଥାବସ୍ତୁ ଯେହେତୁ ଏକ ଐତିହାସିକ ସତ୍ୟ ଉପରେ ପ୍ରତିଷ୍ଠିତ, ଏହାକୁ ଐତିହାସିକ ନାଟକ କହିବାରେ କୌଣସି ଅଯୌକ୍ତିକତା ନାହିଁ।" ଚରିତ ନାଟକ ଐତିହାସିକ ସତ୍ୟ ଉପରେ ପ୍ରତିଷ୍ଠିତ ଏ କଥା ଅନସ୍ୱୀକାର୍ଯ୍ୟ କିନ୍ତୁ ଚରିତ ନାଟକଗୁଡ଼ିକରେ ଦ୍ୱନ୍ଦ୍ୱ, ଉତ୍କଣ୍ଠା ଓ ଘଟଣାର ଆକସ୍ମିକ ସଂସ୍ଥାପନ ନାହିଁ ବୋଲି କହିବା ଯୁକ୍ତିଯୁକ୍ତ ମନେହେଉନି।

ଚରିତ କାବ୍ୟର ବୈଶିଷ୍ଟ୍ୟ ଆରିଷ୍ଟୋଟଲ୍ ଆପଣାର ପୋଏଟିକ୍ସ (Poetics) ଗ୍ରନ୍ଥରେ ଐକ୍ୟନୀତିର ଆଲୋଚନା ପ୍ରସଙ୍ଗରେ ପରୋକ୍ଷଭାବରେ ଦର୍ଶାଇଛନ୍ତି। ଏଥିରୁ ଜଣାଯାଏ ଯେ କାହାଣୀ କାବ୍ୟର ଗଠନ ତିନି ପ୍ରକାରର ହୋଇପାରେ। ପ୍ରଥମ ଭାଗରେ ବିଶୁଦ୍ଧ 'କାର୍ଯ୍ୟ-ଐକ୍ୟ' ଥାଏ। ଦ୍ୱିତୀୟ ସ୍ତରରେ କାର୍ଯ୍ୟ ତଥା ବ୍ୟକ୍ତିର ବାହୁଲ୍ୟ ସ୍ଥାନ ପାଇଥାଏ ଅର୍ଥାତ୍ ବହୁ ବ୍ୟକ୍ତର ବହୁ କାର୍ଯ୍ୟ ବର୍ଣ୍ଣିତ ହୁଏ। ତୃତୀୟ ଭାଗରେ ବ୍ୟକ୍ତିର ବିଭିନ୍ନ ପର୍ଯ୍ୟାୟର ବିଭିନ୍ନ ରସର ଘଟଣା ସ୍ଥାନ ପାଏ ଅର୍ଥାତ୍ ଜଣେ ବ୍ୟକ୍ତିର ବିଭିନ୍ନ କାର୍ଯ୍ୟ ବର୍ଣ୍ଣିତ ହୁଏ। ଏହା ହିଁ ଚରିତଧର୍ମୀ ଗଠନ। ସଂକ୍ଷେପରେ କହିବାକୁ ଗଲେ, ଯେଉଁ ରଚନାରେ କାର୍ଯ୍ୟ ଐକ୍ୟ ଲକ୍ଷ୍ୟ, ସେଠାରେ 'One action of one man' ଉପସ୍ଥାପିତ ହୁଏ ଏବଂ ଚରିତ କାବ୍ୟରେ ଉପସ୍ଥାପିତ ହୁଏ 'many actions of one man"। ଯେଉଁଠି ବହୁବ୍ୟକ୍ତିତ୍ୱ ଯୁକ୍ତ ବ୍ୟକ୍ତି ବିଶେଷକୁ ଉପସ୍ଥାପିତ କରା ଯାଇଥାଏ, ବ୍ୟକ୍ତିର ଜୀବନକୁ ବା ସ୍ୱରୂପକୁ ଭିନ୍ନମୁଖୀ କାର୍ଯ୍ୟ ମଧ୍ୟ ଦେଇ, ପାରସ୍ପରକ ଅନ୍ୱୟହୀନ ଘଟଣା ପରମ୍ପରା ସାହାଯ୍ୟରେ ବ୍ୟକ୍ତ କରି ଯାଇଥାଏ, ତାହା ହିଁ ଚରିତ କାବ୍ୟ। ଅପର ପକ୍ଷରେ ଐତିହାସିକ ନାଟକ ହେଉଛି ଘଟଣାପ୍ରଧାନ ନାଟକ। ଅରିଷ୍ଟୋଟଲଙ୍କ ଦ୍ୱିତୀୟ ପ୍ରକାର ଐକ୍ୟ ଯେଉଁଥିରେ କି ବହୁ ବ୍ୟକ୍ତିର ବହୁ ଘଟଣାକୁ ଗୁରୁତ୍ୱ ଦିଏ ତାହା ହେଉଛି ଐତିହାସିକ ନାଟକ।

ଚରିତ ନାଟକରେ ବ୍ୟକ୍ତିର ବହୁକାଳ ବ୍ୟାପି ଏବଂ ବିଭିନ୍ନ କାର୍ଯ୍ୟମୟ ଜୀବନର ରୂପ ଉପସ୍ଥାପିତ କରା ହୋଇଥିବାରୁ ରସକେନ୍ଦ୍ର ଗଠନ କରିବା ସାଧାରଣତଃ ସମ୍ଭବପର ହୁଏନା। ତାହାର ଅର୍ଥ ନୁହେଁ ଯେ ରସକେନ୍ଦ୍ର ସମ୍ପୂର୍ଣ୍ଣ ଭାବରେ ଏଥିରେ ପରିତ୍ୟକ୍ତ ହୁଏ। ବ୍ୟକ୍ତି ଜୀବନକୁ କେନ୍ଦ୍ର କରି ରସର ସୃଷ୍ଟି। ଯେଉଁଠି ବହୁ କାର୍ଯ୍ୟମୟ ଜୀବନ ପରିଧିରେ ଟ୍ରାଜେଡିର ରସାଦର୍ଶ ସୃଷ୍ଟି ସମ୍ଭବ ହୁଏ। ସମଗ୍ର ଜୀବନକୁ ଗୋଟିଏ ସନ୍ଧି ବିଭକ୍ତ ବୃତ୍ତ ରୂପରେ ପ୍ରକାଶ କରିହୁଏ, ସେଠାରେ ଅତି ବିଶୁଦ୍ଧ କାର୍ଯ୍ୟ ଐକ୍ୟ ନରହିଲେ ମଧ୍ୟ ଜଟିଳତର ଗୋଟିଏ ଐକ୍ୟ କେନ୍ଦ୍ରର ଅସ୍ତିତ୍ୱ ଅବଶ୍ୟ ମିଳିପାରେ। ଏହିଭଳି ଯେଉଁଠି ବ୍ୟକ୍ତି ଜୀବନର ବହୁ କାର୍ଯ୍ୟକୁ ଗୋଟିଏ ଭାବ ସହିତ ଅନ୍ୱିତ କରି ରସ ରୂପରେ ପର୍ଯ୍ୟବେସିତ କରିବାର ଚେଷ୍ଟା କରାହୁଏ, ସେଠାରେ ଚରିତ ନାଟକ ସାଧାରଣ ରସନାଟକର ପ୍ରକୃତି ଲାଭ କରିପାରେ। ଏହାକୁ ସତ୍ୟ ବୋଲି ସ୍ୱୀକାର କରି ନେଲେ 'ଚରିତକାବ୍ୟ'ର ଦୁଇ ରୂପକୁ ମଧ୍ୟ ସ୍ୱୀକୃତି ଦେବାକୁ ହୁଏ। ଗୋଟିକରେ 'ବ୍ୟକ୍ତ ଐକ୍ୟ'ର କେନ୍ଦ୍ରରେ ଗ୍ରଥିତ ପରସ୍ପର ଅସମ୍ପୃକ୍ତ ବହୁ କାର୍ଯ୍ୟର ଅନ୍ୱୟହୀନ ରୂପ ଏବଂ ଅନ୍ୟଟିରେ 'ଭାବ-ଐକ୍ୟ'ର କେନ୍ଦ୍ରରେ ସଂଗ୍ରଥିତ ବହୁକାର୍ଯ୍ୟର ଅନ୍ୱୟସୂକ୍ତ ରୂପଟିକୁ ଦେଖିବାକୁ ମିଳେ। ପ୍ରଥମଟି କୌଣସି ଜୀବନ ଚରିତର ପ୍ରତ୍ୟେକ ଆଧାୟର ନାଟ୍ୟରୂପ ମନେ ହେଉଥିବାବେଳେ ଦ୍ୱିତୀୟଟିରେ 'ଚରିତ' ଥାଏ ଏବଂ ବେଶୀ ଥାଏ ଜୀବନ ତଥା ନାନାବିଧ ଘଟଣା ଉପରେ ଭାବଐକ୍ୟର କେନ୍ଦ୍ର ନିର୍ମାଣ କରିବାର ପ୍ରଚେଷ୍ଟା। ଧର୍ମ ଦୃଷ୍ଟିରୁ ବିଚାର କରିବାକୁ ଗଲେ ଏଇ ଜାତୀୟ 'Many actions of one man' ଉପସ୍ଥାପକ ରଚନାକୁ ହିଁ ଚରିତ ଆଖ୍ୟା ଦିଆଯାଏ ଏବଂ ଯେଉଁ ନାଟକରେ ଏଇଭଳି ଚରିତଧର୍ମୀ ଗଠନ ମିଳିଥାଏ, ସେଇ ନାଟକ ପୌରାଣିକ କିମ୍ବା


© 2026 ଲୋଚନ ଖଣ୍ଡେଇ. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

ଐତିହାସିକ ହୋଇଥିଲେ ମଧ୍ୟ ଚରିତ ଧର୍ମୀ ପୌରାଣିକ କିମ୍ବା ଚରତି ଧର୍ମୀ ଐତିହାସିକ ନାଟକ ରୂପେ ଗଣାହେବା ଉଚିତ।

ଐତିହାସିକ ନାଟକ ଓ ଚରିତ ନାଟକ ଭିତରେ ଅନେକ ସୂକ୍ଷ୍ମ ପାର୍ଥକ୍ୟ ବିଦ୍ୟମାନ। ପ୍ରଥମତଃ ଐତିହାସିକ ନାଟକ ଘଟଣା ପ୍ରଧାନ କିନ୍ତୁ ଚରିତ ନାଟକ ବ୍ୟକ୍ତି/ଚରିତ୍ର ପ୍ରଧାନ। ଦ୍ୱିତୀୟତଃ ଐତିହାସିକ ନାଟକରେ ଐତିହାସିକ ସତ୍ୟତା ବା ପ୍ରାମାଣିକତା ଉପରେ ଗୁରୁତ୍ୱ ବେଶୀ  କିନ୍ତୁ ଚରିତ୍ର ନାଟକରେ କିମ୍ବଦନ୍ତୀ ତଥା ଅଲୌକିକତାର ଗୁରୁତ୍ୱ ବେଶୀ। ତୃତୀୟତଃ ଐତିହାସିକ ନାଟକର ମୁଖ୍ୟ ଚରିତ୍ର ପ୍ରାୟତଃ ରାଜା ରାଣୀ ଆଧାରିତ କିନ୍ତୁ ଚରିତ ନାଟକର ଚରିତ୍ର ଚୟନ ପରିସର ବ୍ୟାପକ। ରାଜାଠାରୁ ପ୍ରଜା ସମସ୍ତେ ଚରିତ ନାଟକର ଚରିତ୍ର ହେବାର ଯୋଗ୍ୟତା ରଖନ୍ତି ବାଶ୍ ନିଜ ଜୀବନକୁ ନିଦର୍ଶନ ଯୋଗ୍ୟ ଜୀଇଁଥିବା ଆବଶ୍ୟକ। ଚତୁର୍ଥତଃ ମଞ୍ଚକଳା ଦୃଷ୍ଟିରୁ ଐତିହାସିକ ନାଟକ ଚରିତ୍ର ବହୁଳ କିନ୍ତୁ ଚରିତ ନାଟକରେ ଚରିତ୍ର ସ୍ୱଳ୍ପ, କରାଣ ଐତିହାସିକ ନାଟକରେ ବହୁ ଚରିତ୍ରର ବହୁ ଘଟଣା ଥିବା ସମୟରେ ଚରିତ ନାଟକରେ ଗୋଟେ ଚରିତ୍ରର ଏକାଧିକ କାର୍ଯ୍ୟ ବର୍ଣ୍ଣିତ। ପଞ୍ଚମତଃ ଐତିହାସିକ ନାଟକ ଯୁଦ୍ଧ ସନ୍ଧି ପରି ଜୀବନର ବାହ୍ୟ ଉପାଦାନ  ଉପରେ ବିଶେଷ ଭାବରେ ଆଶ୍ରିତ କିନ୍ତୁ ଚରିତ ନାଟକ ମଣିଷର ଅନ୍ତଶ୍ଚେତନା ସହ ଜଡ଼ିତ ।

ସୁତରାଂ ଚରିତ ନାଟକ, ଐତିହାସିକ ନାଟକର ସମଗୋତ୍ରୀୟ ନିଶ୍ଚୟ କିନ୍ତୁ ଐତିହାସିକ ନାଟକ ନୁହଁ। ସୁରେନ୍ଦ୍ର ମହାନ୍ତିଙ୍କ କୁଳବୃଦ୍ଧ, ଶତାବ୍ଦୀର ସୂର୍ଯ୍ୟ, ଦାଶ ବେହେନୁରଙ୍କ ପଗଡିପୁରୁଷ ଯେମିତି ଇତିହାସର ବ୍ୟକ୍ତି ତଥା ବ୍ୟକ୍ତି ସମ୍ବନ୍ଧୀୟ ଘଟଣାବଳୀ ଆଧାରରେ ରଚିତ ହୋଇ ମଧ୍ୟ ଚରିତୋପନ୍ୟାସର ପରି ଏକ ସ୍ୱତନ୍ତ୍ର ପର୍ଯ୍ୟାୟରେ ସମୃଦ୍ଧିଲାଭ କରିପାରିଛି ଚରିତ ନାଟକକୁ ମଧ୍ୟ ସେହି ପର୍ଯ୍ୟାୟରେ ରଖାଯିବା ଆବଶ୍ୟକ। ପୁଣି ଚରିତ ନାଟକ ଐତିହାସିକ ନାଟକର କୌଶଳଠୁ ବହୁଗୁଣ ଆଗରେ। ଚରିତ ନାଟକ ପ୍ରଥମତଃ ଗୋଟେ ନାଟକ, ଦ୍ୱିତୀୟତଃ ଏହାର ସମ୍ବନ୍ଧ ଇତିହାସ ସହ, ତୃତୀୟତଃ ଏହା ଚରିତ ସାହିତ୍ୟ ପର୍ଯ୍ୟାୟର। ଯଦି ଚରିତ ନାଟକକୁ ଆମେ ଐତିହାସିକ ନାଟକଠୁ ଭିନ୍ନ ନୁହଁ କହିବା ତେବେ ସେହି ସମାନ ନିୟମରେ ଚରିତ ସାହିତ୍ୟଠୁ ଭିନ୍ନ ମଧ୍ୟ କରିପାରିବା ନାହିଁ। କିନ୍ତୁ ଐତିହାସିକ ଉପନ୍ୟାସକୁ ଚରିତୋପନ୍ୟାସର ଆଖ୍ୟା ଦେଇହେବ ନାହିଁ। ଶେଷରେ  ଆମେ ଏହି ସିଦ୍ଧାନ୍ତରେ ଉପନୀତ ହେବା ଯେ ଚରିତ ନାଟକ ଜଗତରେ ନିଦର୍ଶନ ସାଜିଥିବା ମଣିଷଙ୍କୁ ନେଇ ରଚନା ହୋଇ ପଥହୁଡିଥିବା ପଥିକଙ୍କୁ ମାର୍ଗଦର୍ଶନ କରିବାରେ ସହାୟକ ହୋଇଥାଏ। ପୁଣି ଏହାର ନିର୍ମାଣ କଳା ସ୍ୱତନ୍ତ୍ର । ମହୋତ୍ତର ଉଦ୍ଦେଶ୍ୟ ଓ ରମଣୀୟ ଗଠନ ପରିପାଟୀ ଘେନି ଚରିତ ନାଟକ ସାହିତ୍ୟର ଏକ ପ୍ରଣିଧାନଯୋଗ୍ୟ ସାହିତ୍ୟ ପ୍ରବିଧା।

## ସହାୟକ ଗ୍ରନ୍ଥସୂଚୀ :


1. ଦାସ, ହେମନ୍ତ କୁମାର। *ସାହିତ୍ୟର ବର୍ଣ୍ଣବୋଧ।* Indian Book Distributors; ୧୯୯୭।
2. ଦାଶ (ମିଶ୍ର), ଭକ୍ତମଞ୍ଜରୀ; ମିଶ୍ର, ସଚ୍ଚିଦାନନ୍ଦ। *ଓଡ଼ିଆ ଚରିତ ନାଟକ।* ସଚ୍ଚିଦାନନ୍ଦ ମିଶ୍ର; ୨୦୧୫।
3. ନାୟକ, ଲାବଣ୍ୟ। *ଓଡ଼ିଆ ଚରିତ ସାହିତ୍ୟ।* Friends Publishers, ବିନୋଦ ବିହାରୀ, କଟକ; ୧୯୮୮।
4. ମହାନ୍ତି, ଡ଼. ପୂର୍ଣ୍ଣଚନ୍ଦ୍ର। *ସାହିତ୍ୟର ସଂବିଧାନ।* Ward World; ତୃତୀୟ ସଂସ୍କରଣ, ୨୦୧୬।
5. ସାହୁ, ନାରାୟଣ। *ମଞ୍ଚ ଓ ନାଟକର କଳା କୌଶଳ।* ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା; ଦ୍ୱିତୀୟ ସଂସ୍କରଣ, ୨୦୧୫।
6. ସ୍ୱାଇଁ, ଦିଲ୍ଲୀପ। *ସାହିତ୍ୟ ସ୍ରୋତ ନୂତନ ପ୍ରସ୍ଥ।* ସାଇ ଯମୁନା ପବ୍ଲିକେସନ୍, ଝାଞ୍ଜିରୀ ମଙ୍ଗଳା, କଟକ-୯; ୨୦୧୮।
7. ହରିଚନ୍ଦନ, ନୀଳାଦ୍ରି ଭୂଷଣ। *ଓଡ଼ିଆ ନାଟକରେ ଇତିହାସର ପଦଧ୍ୱନୀ।* ବିଦ୍ୟାପୁରୀ; ୧୯୮୨।



**Creative Commons (CC) License**

This article is an open-access article distributed under the terms and conditions of the Creative Commons Attribution–Non-commercial–No Derivatives 4.0 International (CC BY-NC-ND 4.0) license. This license permits sharing and redistribution of the article in any medium or format for non-commercial purposes only, provided that appropriate credit is given to the original author(s) and source. No modifications, adaptations, or derivative works are permitted under this license.



**About the Author**



**ଅଧ୍ୟାପିକା ଲୋଚନ ଖଣ୍ଡେଇ** ଭୁବନେଶ୍ୱରସ୍ଥିତ ଏକାମ୍ର ମହାବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ଜଣେ ସୁଯୋଗ୍ୟ ଅଧ୍ୟାପିକା। ଶିକ୍ଷାଦାନ କ୍ଷେତ୍ରରେ ନିଜକୁ ନିୟୋଜିତ ରଖିବା ସହ ସେ UGC-NET-JRF ଯୋଗ୍ୟତା ହାସଲ କରି ସମ୍ପ୍ରତି ଉତ୍କଳ ବିଶ୍ୱବିଦ୍ୟାଳୟରେ 'ଓଡ଼ିଆ ନାଟ୍ୟ ସାହିତ୍ୟ' ବିଷୟକୁ ନେଇ ଗବେଷଣାରତ। ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗ ସହ ଓଡ଼ିଆ ନାଟ୍ୟ ପରମ୍ପରା ପ୍ରତି ତାଙ୍କର ବିଶେଷ ଅନୁରାଗ ଓ ଗବେଷଣାତ୍ମକ ଦୃଷ୍ଟିଭଙ୍ଗୀ ରହିଛି।



© 2026 ଲୋଚନ ଖଣ୍ଡେଇ. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/